## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ଜଣେ ମୃତ

ଝରିଗାଁ,୧୧।୯(ସ୍ୱ.ପ୍ର.)- ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ପାଲିଆ ପଞ୍ଚାୟତ ଟିପାଗୁଡ଼ା ଗ୍ରାମରେ ଶନିବାର ସକାଳେ ଭାଲୁ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଟିପାଗୁଡ଼ା ଗାଁର ବନସିଂ ଗୌଡ଼(୫୦)। ସେ ଘର ନିକଟ ନିଜ ଜମିକୁ ଯାଇଥିବାବେଳେ ଭାଲୁ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲା। ଚିତ୍କାର ଶୁଣି ଗ୍ରାମବାସୀ ସେଠାରେ ପହଞ୍ଚିଥିଲେ। ଫଳରେ ଭାଲୁ ନିକଟସ୍ଥ ଜଙ୍ଗଲକୁ ଚାଲିଯାଇଥିଲା। ଗୁରୁତର ବନସିଂଙ୍କୁ ଉଦ୍ଧାର କରାଯାଇ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବନ ବିଭାଗର ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିବା ଜଣାପଡ଼ିଛି।

### କାଳୀପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ



ଗୁଣପୁର,୧୧।୯(ଡି.ଏନ୍.ଏ.)-ରାୟଗଡ଼ା ଜିଲା ଗୁଣପୁରଠାରେ ମାଁ ଦକ୍ଷିଣକାଳୀଙ୍କ ପୂଜା ନିମନ୍ତେ ଶନିବାର ଶୁଭଖୁଣ୍ଟି ସ୍ଥାପନ ହୋଇଛି। ଦକ୍ଷିଣକାଳୀ ପୂଜା କମିଟି ପକ୍ଷରୁ କାଳୀପୂଜା ମଣ୍ଡପଠାରେ ଏହି ଶୁଭଖୁଣ୍ଟି ସ୍ଥାପନ ହୋଇଛି। କାର୍ଯ୍ୟକ୍ରମରେ କର୍ତ୍ତାଭାବେ ଦୁର୍ଗା ରଥ ଏବଂ ପୂଜକ ରୂପେ ପ୍ରକାଶ ରଥ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ପରିପ୍ରେକ୍ଷୀରେ ଏକ ପ୍ରସାଦ ସେବନ କାର୍ଯ୍ୟକ୍ରମ ହୋଇଥିଲା। ଚଳିତ ବର୍ଷ ମାଁଙ୍କ ପୂଜା ୧୫ ବର୍ଷରେ ପଦାର୍ପଣ କରିଥିବାବେଳେ ନଭେମ୍ବର ୪ରୁ ପୂଜା ଆରମ୍ଭ ହେଉଛି। ଶୁଭଖୁଣ୍ଟି ସ୍ଥାପନ ପରେ ନୂତନ କାଳୀପୂଜା କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ଲକ୍ଷ୍ମୀନାରାୟଣ ବଳ ମନୋନୀତ ହୋଇଥିବାବେଳେ କାର୍ଯ୍ୟକାରୀ ସଭାପତି ରୂପେ ବାଲାଜୀ ପାଣିଗ୍ରାହୀ, ଉପସଭାପତି ରାଧାକୃଷ୍ଣ ପଟ୍ଟନାୟକ, ସାଧାରଣ ସମ୍ପାଦକ ଗଜା ପାଳ, ଯୁଗ୍ମ ସମ୍ପାଦକ ଶିବ ପ୍ରସାଦ ବେହେରା, ସଙ୍ଗଠନ ସମ୍ପାଦକ ଗୋବିନ୍ଦ ପ୍ରସାଦ ଖାଡ଼ଙ୍ଗା, କୋଷାଧ୍ୟକ୍ଷ ରାମଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ରହିଛନ୍ତି। ସେହିପରି କାର୍ଯ୍ୟନିର୍ବାହୀ ସଦସ୍ୟଭାବେ ରିଙ୍କୁ ଦାସ, ସୁନୀଲ ପାଣିଗ୍ରାହୀ, ଉପଦେଷ୍ଟା ଭାବେ ସୀମାଞ୍ଚଳ କର, ରଞ୍ଜିତ ପାଢ଼ୀ, ଜଗନ୍ନାଥ ଦାସ ଏବଂ ଗଣେଶ୍ୱର ଶତପଥୀ ରହିଛନ୍ତି। ମିଡିଆ ସଂଯୋଜକ ରୂପେ ଜନାର୍ଦ୍ଦନ ମହାପାତ୍ରଙ୍କୁ ଚୟନ କରାଯାଇଛି।

### ମୁନିଗୁଡ଼ାକୁ ଏନ୍‌ଏସି ଘୋଷଣା ନେଇ ଚର୍ଚ୍ଚା

#### ପଞ୍ଚାୟତ ନିର୍ବାଚନକୁ ନେଇ ଆରମ୍ଭ ହେଲାଣି ରଣନୀତି

ମୁନିଗୁଡ଼ା,୧୧।୯(ଡି.ଏନ୍.ଏ.)- ଆଗକୁ ପଞ୍ଚାୟତ ନିର୍ବାଚନ ରହିଥିବାବେଳେ ମୁନିଗୁଡ଼ାକୁ ଶୀଘ୍ର ଏନ୍‌ଏସି ଘୋଷଣା କରାଯିବ ବୋଲି ଚର୍ଚ୍ଚା ଜୋର ଧରିଛି। ଦୀର୍ଘଦିନ ଧରି ମୁନିଗୁଡ଼ାକୁ ଏନ୍‌ଏସି କରିବାକୁ ଦବି ହେଉଥିବାବେଳେ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଏହି ଦାବି ପୂରଣ ନେଇ ଅଞ୍ଚଳବାସୀଙ୍କ ମଧରେ ଆଶା ପ୍ରକାଶ ପାଇଛି। ସ୍ଥାନୀୟ ଅଞ୍ଚଳର ସୁବିଧା ଅସୁବିଧା ଉପରେ ପଞ୍ଚାୟତ ନିର୍ବାଚନର ମତଦାନ ନିର୍ଭର କରେ। ତେଣୁ ମୁନିଗୁଡ଼ାକୁ ଏନ୍‌ଏସି, ଅମ୍ବାଦୋଳାକୁ ବ୍ଲକ ଘୋଷଣା ଏବଂ ମୁନିଗୁଡ଼ା କଲେଜରେ ବିଜ୍ଞାନ ପାଠ୍ୟକ୍ରମ ଆରମ୍ଭ, ରାସ୍ତାଘାଟ, ପାନୀୟ ଜଳ ଓ ଜଳସେଚନ ସୁବିଧା କରିବା, ମୁନିଗୁଡ଼ାରେ ଓଭରବ୍ରିଜ୍ ନିର୍ମାଣ, ଆମ୍ବାଦୋଳା ଓ ମୁନିଗୁଡ଼ା ରେଳଷ୍ଟେଶନରେ ଯାତ୍ରୀ ସୁବିଧା ବଢ଼ାଇବା, ଦ୍ରୁତଗାମୀ ଟ୍ରେନ୍ ରହଣି, ଖାଦ୍ୟ ନିଗମର ଚାଉଳ କିଣା କେନ୍ଦ୍ର ଖୋଲିବା ପ୍ରମୁଖ ଦାବି ପୂରଣ ନେଇ ଜନସାଧାରଣଙ୍କ ଦାବି ରହିଛି। ତେଣୁ ଯିଏ ଅଞ୍ଚଳର ସର୍ବାଙ୍ଗୀନ ବିକାଶ ପ୍ରତି ଦୃଷ୍ଟିଦେବେ ତାଙ୍କୁ ହିଁ ଭୋଟ ମିଳିବ ବୋଲି ଲୋକଙ୍କ ମଧରେ ମତପ୍ରକାଶ ପାଉଛି। ଏଭଳି ପରିସ୍ଥିତିରେ ୧୭ ପଞ୍ଚାୟତ ରହିଥିବା ମୁନିଗୁଡ଼ା ବ୍ଲକରେ ପ୍ରମୁଖ ରାଜନୈତିକ ଦଳମାନେ ପଦ ହାତେଇବାକୁ କସରତ ଚଳାଇଲେଣି। ବିରୋଧି ଦଳମାନେ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ ରଣନୀତି ପ୍ରସ୍ତୁତ କରୁଛନ୍ତି। ସୂଚନାଯୋଗ୍ୟ, ପଞ୍ଚାୟତ ପୁନର୍ଗଠନ ସମୟରେ ମୁନିଗୁଡ଼ା ପଞ୍ଚାୟତକୁ ୩ ପଞ୍ଚାୟତ କରି ମୁନିଖୋଲ ଓ ଭୈରବଗଡ଼କୁ ନୂତନ ପଞ୍ଚାୟତ କରାଯାଇଥିଲା। ତେବେ ଦୀର୍ଘ ବର୍ଷ ଧରି ରାଜନେତାମାନେ ମୁନିଗୁଡ଼ାକୁ ଏନ୍‌ଏସି ଘୋଷଣା ନେଇ ଅଞ୍ଚଳବାସୀଙ୍କୁ ସ୍ୱପ୍ନ ଦେଖାଉଥିବାବେଳେ ମୁନିଗୁଡ଼ା ବନ ଦୁର୍ଗା ମନ୍ଦିର ପାଖରେ ସ୍ଥାନ ନିରୂପଣ ମଧ କରାଯାଇଛି। ହେଲେ ଏ ପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ।

# ଚୌକିଦାରଗୁଡ଼ା ଗାଁକୁ ନାହିଁ ପକ୍କାରାସ୍ତା

- ବିଭିନ୍ନ ମୌଳିକ ସୁବିଧା ଗାଁକୁ ଅପହଞ୍ଚ
- ୩ କି.ମି. ଚାଲି ଅଙ୍ଗନୱାଡି କେନ୍ଦ୍ରକୁ ଯାଉଛନ୍ତି ଶିଶୁ

ନବରଙ୍ଗପୁର,୧୧।୯(ବି.ପ୍ର.)

ପ୍ରତ୍ୟେକ ଗାଁକୁ ପକ୍କାରାସ୍ତା ଏବଂ ସ୍ମାର୍ଟ ସ୍କୁଲ ପାଇଁ ସରକାର ଉଦ୍ୟମ ଚଳାଇଛନ୍ତି। ସ୍ୱାସ୍ଥ୍ୟସେବାର ଭିତ୍ତିଭୂମି ବିକାଶ ନେଇ ମଧ ଅର୍ଥ ବ୍ୟୟ କରାଯାଉଛି। ହେଲେ ଉପାନ୍ତ ନବରଙ୍ଗପୁର ଜିଲାର ଅନେକ ଗାଁକୁ ଏହି ସମସ୍ତ ମୌଳିକ ସୁବିଧା ଅପହଞ୍ଚ। ନବରଙ୍ଗପୁର ସଦର ବ୍ଲକ ମନ୍ତ୍ରୀଗୁଡ଼ା ପଞ୍ଚାୟତର ଚୌକିଦାରଗୁଡ଼ା ଗ୍ରାମ ଏହାର ସ୍ପଷ୍ଟ ଉଦାହରଣ। ରାସ୍ତାଘାଟ ସମସ୍ୟା ଏଠାକାର ପ୍ରମୁଖ ସମସ୍ୟା ହୋଇଥିବାବେଳେ ଶିକ୍ଷା, ସ୍ୱାସ୍ଥ୍ୟସେବାରୁ ମଧ ଗ୍ରାମବାସୀ ବଞ୍ଚିତ ରହିଛନ୍ତି। ଗାଁକୁ ପକ୍କା ରାସ୍ତାଟିଏ ନ ଥିବାରୁ ଲୋକେ ଯାତାୟାତରେ ଅନେକ ସମସ୍ୟା ଭୋଗୁଛନ୍ତି। ସେହିପରି ପିଲାଙ୍କ ପାଠପଢ଼ା ପାଇଁ ଗାଁରେ ଏ ପର୍ଯ୍ୟନ୍ତ ସ୍କୁଲଟିଏ ନାହିଁ। ପ୍ରାକ୍ ଶିକ୍ଷା ପାଇଁ ଗାଁରେ ଅଙ୍ଗନୱାଡି କେନ୍ଦ୍ର ମଧ ନ ଥିବାରୁ ଶିଶୁମାନଙ୍କୁ ୩ କି.ମି. ଦୂର ପକନାଗୁଡ଼ାସ୍ଥିତ ଅଙ୍ଗନୱାଡି କେନ୍ଦ୍ରକୁ ଚାଲି



ଚୌକିଦାରଗୁଡ଼ା ଗ୍ରାମକୁ ସଂଯୋଗ କରୁଥିବା ଏକମାତ୍ର ମାଟିରାସ୍ତା।

ଚାଲି ଯିବାକୁ ହୁଏ। ଗ୍ରାମର ବିଭିନ୍ନ ସମସ୍ୟାକୁ ନେଇ ଗ୍ରାମବାସୀ ଜନ ପ୍ରତିନିଧି ଓ ପ୍ରଶାସନକୁ ଅନେକ ଥର ଜଣାଇଥିଲେ ମଧ ପ୍ରତିଶ୍ରୁତି ବ୍ୟତୀତ କୌଣସି ସୁଫଳ ମିଳି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଚୌକିଦାରଗୁଡ଼ାରେ ୫୦ରୁ ଉର୍ଦ୍ଧ୍ୱ ଆଦିବାସୀ ପରିବାର ବସବାସ କରୁଛନ୍ତି। ସଂକୀର୍ଣ୍ଣ ମାଟିରାସ୍ତାଟିଏ ଗ୍ରାମବାସୀଙ୍କ ନିତିଦିନିଆ ରାସ୍ତା ପାଲଟିଛି। ଖରା ଏବଂ ଶୀତଦିନେ ଏହି ରାସ୍ତାରେ ଲୋକେ କାମ ଚଳାଇନିଅନ୍ତି। କିନ୍ତୁ ବର୍ଷାଦିନ ଆସିଲେ ଗ୍ରାମବାସୀଙ୍କ ଅବସ୍ଥା ଶୋଚନୀୟ ହୋଇପଡୁଛି। କାହାର ଦେହ ଅସୁସ୍ଥ ହେଲେ ଆମ୍ବୁଲାନ୍ସ ଗାଁ ମଧକୁ ଯାଇପାରୁନାହିଁ। ଫଳରେ ଗ୍ରାମବାସୀ ୧ କି.ମି. ବାଟ ଖଟିଆ କିମ୍ବା ଭାରରେ ବୋହି ନେବାପରେ ସେଠାରୁ ଆମ୍ବୁଲାନ୍ସରେ ଡାକ୍ତରଖାନା ଯାଇଥାନ୍ତି। ସେହିପରି ଅଙ୍ଗନୱାଡି କେନ୍ଦ୍ର ନ ଥିବାରୁ ଗାଁର ୩୦ ଶିଶୁ ଉତ୍ତମ ଶିକ୍ଷା ଓ ସୁଷମ ଖାଦ୍ୟରୁ ବଞ୍ଚିତ ହେଉଛନ୍ତି। ତେଣୁ ଗାଁକୁ ପକ୍କାରାସ୍ତା, ବିଦ୍ୟୁତ୍ ସେବା ପହଞ୍ଚାଇବା ସହ ଅଙ୍ଗନୱାଡି କେନ୍ଦ୍ରଟିଏ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ବିଷୟରେ ନବରଙ୍ଗପୁର ବିଡିଓ ସୁକାନ୍ତ ପଟ୍ଟନାୟକଙ୍କୁ ପଚାରିବାରୁ, ଚୌକିଦାରଗୁଡ଼ା ଗ୍ରାମବାସୀଙ୍କୁ ଆବଶ୍ୟକ ମୌଳିକ ସୁବିଧା ଯୋଗାଇ ଦିଆଯିବ ବୋଲି କହିଛନ୍ତି। ରାସ୍ତା କାମ ପାଇଁ ମଧ ଟେଣ୍ଡର ପ୍ରକ୍ରିୟା ସରିଛି। ଶୀଘ୍ର ଗାଁକୁ ପକ୍କାରାସ୍ତା ନିର୍ମାଣ ହେବ ବୋଲି ସେ କହିଛନ୍ତି। ତେବେ ନବରଙ୍ଗପୁର ସଦର ବ୍ଲକର ସ୍ଥିତି ଏଭଳି ହୋଇଥିବାବେଳେ ଜିଲାର ଦୁର୍ଗମ ବ୍ଲକ ଅଞ୍ଚଳର ସମସ୍ୟା ଏଥିରୁ ସ୍ପଷ୍ଟ ଅନୁମେୟ।

## ୪୦ କେ.ଜି. ଗଞ୍ଜେଇ ଜବତ, ଜଣେ ଗିରଫ

ପଦ୍ମପୁର,୧୧।୯(ଡି.ଏନ୍.ଏ.)

ରାୟଗଡ଼ା ଜିଲା ପଦ୍ମପୁର ଥାନା ପୋଲିସ କେନ୍ଦୁଗୁଡ଼ା ୩୨୬ ନଂ. ଜାତୀୟ ରାଜପଥ ନିକଟରୁ ଶୁକ୍ରବାର ଏକ କାର୍‌ରୁ ୪୦ କେ.ଜି. ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତି ହେଲେ ପଦ୍ମପୁର ଥାନା ଅଧୀନ ରାଜପୁର ଗ୍ରାମର ପ୍ରଶାନ୍ତ କରାଡ଼।

ସୂଚନା ଅନୁଯାୟୀ, ପଦ୍ମପୁର ଅଞ୍ଚଳରୁ ବ୍ରହ୍ମପୁର ଅଭିମୁଖେ ଗଞ୍ଜେଇ ଚାଲାଣ ହେଉଥିବା ପୋଲିସ ସୂଚନା ପାଇଥିଲା। ଏହାପରେ ପଦ୍ମପୁର ଥାନାଧିକାରୀ ବିଶ୍ୱରଞ୍ଜନ ଦାଶଙ୍କ ନେତୃତ୍ୱରେ କେନ୍ଦୁଗୁଡ଼ା ଫାଣ୍ଡି ଅଧିକାରୀ କିଶୋର ଚନ୍ଦ୍ର ବେହେରା ଏବଂ ପୋଲିସ ଟିମ୍ ପାଟ୍ରୋଲିଂ କରୁଥିବାବେଳେ ଜାତୀୟ ରାଜପଥରେ ଏକ କାର୍‌କୁ ସନ୍ଦେହରେ ଅଟକାଇଥିଲେ। ଯାଞ୍ଚବେଳେ ସେଥିରେ ଗଞ୍ଜେଇ ଚାଲାଣ ହେଉଥିବା ଜଣାପଡ଼ିଥିଲା। ପୋଲିସ ଗଞ୍ଜେଇ ଏବଂ କାର୍, ୭୫୦ ଟଙ୍କା, ମୋବାଇଲ୍



ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତ।

ଜବତ କରିଛି। ଜବତ ଗଞ୍ଜେଇର ମୂଲ୍ୟ ୪ ଲକ୍ଷ ଟଙ୍କା ହେବ ବୋଲି ସୂଚନା ମିଳିଛି। ଉକ୍ତ ଗଞ୍ଜେଇ ମାଫିଆଙ୍କ ନାମରେ ପୂର୍ବରୁ ମଧ ମାମଲା ରହିଛି। ଏ ନେଇ ପଦ୍ମପୁର ଥାନାରେ ୭୬/୨୧ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଜଣାପଡ଼ିଛି। ପଦ୍ମପୁର ପୋଲିସର ବାରମ୍ବାର ଚଢ଼ାଉ ମାଫିଆଙ୍କ ମଧରେ ଭୟ ସୃଷ୍ଟି କରିଛି।

## କାରଖାନାରୁ ନିର୍ଗତ ରାସାୟନିକ ପଦାର୍ଥ ପରିଚାଳନା ପ୍ରସ୍ତୁତି

ରାୟଗଡ଼ା ଅଫିସ,୧୧।୯

ରାୟଗଡ଼ା ଜିଲାର ବିଭିନ୍ନ ଶିଳ୍ପାନୁଷ୍ଠାନରୁ ନିର୍ଗତ ରାସାୟନିକ ପଦାର୍ଥର ଉପଯୁକ୍ତ ପରିଚାଳନା ତଥା ଆକସ୍ମିକ ଦୁର୍ଘଟଣାକୁ ପ୍ରତିରୋଧ କରିବା ନିମନ୍ତେ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ବୈଠକ ହୋଇଥିଲା। ଏଥିରେ ଏସ୍‌ପି ବିବେକାନନ୍ଦ ଶର୍ମା, ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ, ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାରେ ରହିଥିବା ବିଭିନ୍ନ ଶିଳ୍ପାନୁଷ୍ଠାନରେ ଅଫ୍‌ସାଇଟ୍ ଏମରଜେନ୍ସି ପ୍ଲାନ୍‌ଗୁଡ଼ିକ କିପରି ଠିକ୍‌ଭାବେ କାର୍ଯ୍ୟକାରୀ ହୋଇପାରିବ ସେ ନେଇ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଶିଳ୍ପାନୁଷ୍ଠାନଗୁଡ଼ିକ ନିୟମିତ ଭାବେ ନିଜର



ବୈଠକରେ ଉପସ୍ଥିତ ଜିଲାପାଳ, ଏସ୍‌ପି, ବିଭିନ୍ନ କମ୍ପାନୀର ଅଧିକାରୀ ଓ ଅନ୍ୟମାନେ।

**ଅଫ୍‌ସାଇଟ ଏମରଜେନ୍ସି ପ୍ଲାନ୍ ନେଇ ବୈଠକ**

ଷ୍ଟୋରେଜ୍ ସାଇଟର ତଦାରଖ କରିବାକୁ ଉପସ୍ଥିତ ବିଭିନ୍ନ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ। କଳକାରଖାନାରୁ ନିର୍ଗତ ଗ୍ୟାସ୍ ତଥା ରାସାୟନିକ ପଦାର୍ଥ ଦ୍ୱାରା ଦୁର୍ଘଟଣା ଘଟି ନିକଟସ୍ଥ ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣ ଯେପରି ଯେପରି ପ୍ରଭାବିତ ନ ହେବେ ସେ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଫାକ୍ଟ୍ରି ଓ ବଏଲର ବିଭାଗର ସହକାରୀ ନିର୍ଦ୍ଦେଶକ ଆର୍.କେ. ନାୟକଙ୍କ ସମେତ ଉତ୍କଳ ଆଲୁମିନା, ଜେକେ କାଗଜ କଳ, ଇମ୍ପା, ଭର୍ଦ୍ଧମାନ କେମିକାଲ୍‌ସର ଅଧିକାରୀମାନେ ଉପସ୍ଥିତ ଥିଲେ।

## ନିଖୋଜ ନାବାଳିକା ମହାରାଷ୍ଟ୍ରରୁ ଉଦ୍ଧାର

କୋଡ଼ିଙ୍ଗା,୧୧।୯(ଡି.ଏନ୍.ଏ.)–

ନବରଙ୍ଗପୁର ଜିଲା କୋଡ଼ିଙ୍ଗା ପୋଲିସ ଜଣେ ନିଖୋଜ ନାବାଳିକା(୧୬)ଙ୍କୁ ସୁରକ୍ଷିତ ଉଦ୍ଧାର କରିଛି। ନାବାଳିକା ଜଣକ କୋଡ଼ିଙ୍ଗା ଥାନା ଅଧୀନ ଫାର୍ଶାଗୁଡ଼ା ଗ୍ରାମର। ସୂଚନା ଅନୁଯାୟୀ, ସେପ୍ଟେମ୍ବର ୨ ରାତିରେ ନାବାଳିକା ଜଣକ କୌଣସି କଥାକୁ ନେଇ ଘରେ ମନୋମାଳିନ୍ୟ ଘଟି ରାତିରେ ଚାଲିଯାଇଥିଲେ। ବହୁ ଖୋଜାଖୋଜି ପରେ ମଧ ତାଙ୍କ ସନ୍ଧାନ ମିଳି ନ ଥିଲା। ଏ ନେଇ ତାଙ୍କ ମା' କୋଡ଼ିଙ୍ଗା ଥାନାର ଦ୍ୱାରସ୍ଥ ହୋଇଥିଲେ। ଏତଲାକୁ ଭିତ୍ତିକରି ୧୪୯/୨୧ରେ ଏକ ମାମଲା ରୁଜୁକରି କୋଡ଼ିଙ୍ଗା ଥାନାଧିକାରୀ ଅନୁସନ୍ଧାନ ଚଳାଇଥିଲେ। ନାବାଳିକାଙ୍କୁ ପୋଲିସ ମହାରାଷ୍ଟ୍ରର ପୁନେ ନିକଟ ମହାଲୁଙ୍ଗେରୁ ଠାରୁ ଉଦ୍ଧାର କରିଥିବା ସୂଚନା ମିଳିଛି।

## ଘରେ ଡକାୟତି ଉଦ୍ୟମ ବିଫଳ

**ଜୀବନରେ ମାରିଦେବାକୁ ଧମକ ଅଭିଯୋଗ**

ନନ୍ଦାହାଣ୍ଡି,୧୧।୯(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଟେନ୍ତୁଳିଖୁଣ୍ଟି ଥାନା ଅଧୀନ ଦହଣା ଗ୍ରାମ ଝଡ଼ିଆଗୁଡ଼ାସ୍ଥିତ ଶାନ୍ତନୁ କୁମାର ଦାଶଙ୍କ ଘରେ ଗୁରୁବାର ରାତିରେ ଦୁର୍ବୃତ୍ତମାନେ ଡକାୟତି ଉଦ୍ୟମ କରି ବିଫଳ ହୋଇଛନ୍ତି। ତେବେ ଡକାୟତମାନେ ସେଠାରୁ ଖସି ଚାଲିଯାଇଛନ୍ତି।

ସୂଚନା ଅନୁଯାୟୀ, ଶାନ୍ତନୁଙ୍କ ସମେତ ସ୍ତ୍ରୀ ଏବଂ ଝିଅ ରାତିରେ ଶୋଇଥିଲେ। ଏହି ସମୟରେ ମୁଖ୍ୟ କବାଟକୁ କେହି ପିଟିବା ଭଳି ଶବ୍ଦ ଶାନ୍ତନୁ ଶୁଣିବାକୁ ପାଇଥିଲେ। ସେମାନେ କବାଟ ଭାଙ୍ଗି ଘରେ ପଶିବାକୁ ଉଦ୍ୟମ କରୁଥିବା ଜାଣି ନିଜ ଭାଇ ଏବଂ ପୁତୁରାଙ୍କୁ ଡାକିଥିଲେ। ସେମାନେ ଆସି ପହଞ୍ଚିବା ଦେଖି ଡକାୟତମାନେ ଚମ୍ପଟ ମାରିଥିଲେ। ଶୁକ୍ରବାର ଶାନ୍ତନୁ ଘଟଣା ନେଇ ଟେନ୍ତୁଳିଖୁଣ୍ଟି ଥାନାରେ ଏତଲା ଦେଇଛନ୍ତି। ଦୁର୍ବୃତ୍ତମାନେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିବା ସେ ଏତଲାରେ ଉଲ୍ଲେଖ କରିଛନ୍ତି। ଶାନ୍ତନୁ ରାଜନୀତିରେ ସକ୍ରିୟ ରହିବା ସହ ଅଞ୍ଚଳର ଜଣେ ପ୍ରତିଷ୍ଠିତ ବ୍ୟକ୍ତି ରୂପେ ପରିଚିତ। ତାଙ୍କର କାହା ସହ ଶତ୍ରୁତା ନ ଥିବା ସେ କହିଥିବାବେଳେ ଦୁର୍ବୃତ୍ତମାନେ ଚୋରି ନା ଅନ୍ୟ କୌଣସି ଉଦ୍ଦେଶ୍ୟରେ ଆସିଥିଲେ ତାହା ଅସ୍ପଷ୍ଟ ରହିଛି। ପୁଣିଥରେ ଆକ୍ରମଣ ଆଶଙ୍କାରେ ସେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଟେନ୍ତୁଳିଖୁଣ୍ଟି ଥାନାଧିକାରୀ ପ୍ରମୋଦ କୁମାର ନାୟକ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ୍ ଯାଞ୍ଚକରି ତଦନ୍ତ ଚଳାଇଛନ୍ତି। ଶୀଘ୍ର ଅପରାଧୀମାନଙ୍କୁ ଧରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଗାଁରେ ରାତ୍ରି ପ୍ରହରା ନିମନ୍ତେ ଗୃହରକ୍ଷୀଙ୍କୁ ନିୟୋଜିତ କରିବାକୁ ଗ୍ରାମବାସୀ ଥାନାଧିକାରୀଙ୍କୁ ଅନୁରୋଧ କରିଛନ୍ତି।

INDIAN INSTITUTE OF TOURISM AND TRAVEL MANAGEMENT
(An Autonomous Body under Ministry of Tourism, Government of India)
Dumuduma, Bhubaneswar, Odisha, Pin - 751019
IITTM
SPOT ADMISSION
Session 2021-22
MBA (Tourism & Travel Management)
BBA (Tourism & Travel)
For online registration and detailed information please visit: www.iittm.ac.in, for further information
CONTACT - 83420 82073, 97781 80241
94374 61936, 96688 60753
or E-mail : admissioniittmb@gmail.com
Under Collaborative Scheme of INDIRA GANDHI NATIONAL TRIBAL UNIVERSITY (A Central University established by an Act of Parliament)
Free Admission Counselling at IITTM Campus till 28th Sept. 2021
Scholarships Available for Meritorious Students
Nodal Officer

## ରାଜ୍ୟ ସରକାର ମରୁଡ଼ି ଅଞ୍ଚଳକୁ ସ୍ୱତନ୍ତ୍ର ଟିମ୍ ପଠାନ୍ତୁ

- ରାଇଘର ବ୍ଲକର ଶତାଧିକ ହେକ୍ଟର ଜମି ପଡ଼ିଆ ପଡ଼ିଛି
- କ୍ଷତିଗ୍ରସ୍ତ ଜମି ଦେଖି ଋଣ ଛାଡ଼ ଦାବିକଲେ ବିଧାୟକ

ରାଇଘର,୧୧।୯(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ରାଇଘର ବ୍ଲକରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। ଛତିଶଗଡ଼ ସୀମାନ୍ତ କାଉଡୋଳା, ଖୁଜୁକ, କସକଙ୍ଗା, ପରଚିପୋରା, ହାଟଭରଣ୍ଡି ଅଞ୍ଚଳରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଶତାଧିକ ହେକ୍ଟର ଜମି ପଡ଼ିଆ ପଡ଼ିଛି। ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଶନିବାର କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ ସହ ଚାଷୀଙ୍କ ସହ ଆଲୋଚନା କରିଛନ୍ତି।

ବିଧାୟକ ପ୍ରଥମେ ସୀମାନ୍ତ କାଉଡୋଳା ପଞ୍ଚାୟତର ଧନରା ଗ୍ରାମଠାରେ ପହଞ୍ଚି କ୍ଷତିଗ୍ରସ୍ତ ଚାଷୀଙ୍କ ସହ ଆଲୋଚନା କରିବା ସହ ସମସ୍ୟା ବୁଝିଥିଲେ। ଧନରା ଗ୍ରାମ ନିକଟରେ ଥିବା ମାରିଗାଓଁ, ମାରାଙ୍ଗପୁରୀ, କାବାକାନାଡ଼ି, ଲେଖା କାନାଡ଼ି, ସିଉନାପାଲି ସମେତ ଛତିଶଗଡ଼ ସୀମା ପର୍ଯ୍ୟନ୍ତ ରହିଥିବା ଧାନବିଲ ନିକଟକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ହାଟଭରାଣ୍ଡି, ସନାରପାରା, ଖୁଜୁକ, ଦେଇ ନ ଥିବା ସେ ଅଭିଯୋଗ କରିଛନ୍ତି। ଜଳସେଚନ ନିମନ୍ତେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅନେକ ବ୍ୟବସ୍ଥା ରହିଛି। କିନ୍ତୁ ଏହି ଅଞ୍ଚଳରେ କୌଣସି ପ୍ରକାର ବ୍ୟବସ୍ଥା ହୋଇ ନ ଥିବା ସେ କହିଛନ୍ତି। ରାଜ୍ୟ ସରକାର ଅଞ୍ଚଳ ପ୍ରତି ଅଣଦେଖା କରୁଛନ୍ତି। ଚାଷୀ ବିଭିନ୍ନ ସ୍ଥାନରୁ ଋଣ କରି ଚାଷ କରିଥିବାବେଳେ ମରୁଡ଼ି ପରିସ୍ଥିତିରେ ହତାଶ ହୋଇ ରହିଛନ୍ତି। ତେଣୁ ରାଜ୍ୟ ସରକାର ଉକ୍ତ ଅଞ୍ଚଳକୁ ସ୍ୱତନ୍ତ୍ର ଟିମ୍ ପଠାଇ ଚାଷୀଙ୍କ ସମସ୍ୟା ବୁଝିବା ସହ ଋଣ ଛାଡ଼ କରନ୍ତୁ ବୋଲି ବିଧାୟକ ଦାବି କରିଛନ୍ତି। ଚାଷ କାର୍ଯ୍ୟ ଆରମ୍ଭ ସମୟରେ ସାର ଅଭାବ ଏବଂ ପରେ ନିଅଣ୍ଟିଆ ବର୍ଷା ଚାଷୀଙ୍କୁ ଚିନ୍ତାରେ



ଉମରକୋଟ ବିଧାୟକ ଚାଷଜମି ବୁଲି ଦେଖୁଛନ୍ତି।

ରାଜପୁର, କେରାଡିହି କସକଙ୍ଗା, ଧୁଙ୍ଗିୟାଡିହି, ତାରିଙ୍ଗିପୁରି, ଆମାପାରା, ରବନାଗୁଡ଼ା, ଧଡ଼ରାସିମଡା, ପଖନାପାରା, ପରଚିପୋରା ପ୍ରଭୃତି ଅଞ୍ଚଳ ପରିଦର୍ଶନ କରିଥିଲେ। ଚାଷୀଙ୍କ ସହ ଆଲୋଚନା ପରେ ବିଧାୟକ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ରାଇଘର ବ୍ଲକରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଥିଲେ ମଧ ପ୍ରଶାସନିକ ଅଧିକାରୀମାନେ ଚାଷୀଙ୍କ ସମସ୍ୟାକୁ ଗୁରୁତ୍ୱ ପକାଇଛି। ଆଗାମୀ ଦିନରେ ଅଞ୍ଚଳର ଚାଷୀଙ୍କୁ ମାଗଣାରେ ବିହନ ଯୋଗାଣ ସହ ସମସ୍ୟାର ସମାଧାନ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ବିଧାୟକଙ୍କ ଗସ୍ତବେଳେ ବ୍ଲକ ଉପାଧ୍ୟକ୍ଷ ବିଶ୍ୱନାଥ ସିଲ, ଜିଲା ପରିଷଦ ସଭ୍ୟା ଦେଓ କୁମାରୀ ଗଣ୍ଡ, ହାଟଭରାଣ୍ଡି, ପରଚିପୋରା, କାଉଡୋଳା ଓ ଖୁଜୁକୁ ପଞ୍ଚାୟତର ସରପଞ୍ଚ ଉପସ୍ଥିତ ଥିଲେ।

## ଭାରତ ବନ୍ଦ ସଫଳ କରିବାକୁ ପ୍ରସ୍ତୁତି



ଗୁଣପୁର,୧୧।୯(ଡି.ଏନ୍.ଏ.)–

ସେପ୍ଟେମ୍ବର ୨୭ରେ ଭାରତ ବନ୍ଦ ପାଳନ କରାଯିବ। ଏ ନେଇ ଅଖିଳ ଭାରତ କୃଷକ ମହାସଭା ପକ୍ଷରୁ ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଗୋଠଲପଦର ପଞ୍ଚାୟତର ପ୍ରେମ ନଗରଠାରେ ଏକ ବୈଠକ ହୋଇଥିଲା। ଏଥିରେ ଜଗନ୍ନାଥପୁର ଏବଂ ଗୋଠଲପଦର ପଞ୍ଚାୟତର ବିଭିନ୍ନ ଗ୍ରାମରୁ କୃଷକମାନେ ଯୋଗଦେଇଥିଲେ। ସିପିଆଇ(ଏମ୍‌ଏଲ୍)ର ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ୩ଟି କୃଷି ଅଧ୍ୟାଦେଶ ବିଲ୍ ବାତିଲ କରିବା ଦାବି ନେଇ ହେବାକୁ ଥିବା ଭାରତ ବନ୍ଦ କାର୍ଯ୍ୟକ୍ରମକୁ ସଫଳ କରିବା ନେଇ ଆଲୋଚନା ହୋଇଥିଲା। ସିପିଆଇ(ଏମ୍‌ଏଲ୍) ନେତା ପ୍ରଦୀପ ଶବର, ସୋମନାଥ ବିଡିକା ଓ ରମେଶ ଶବର ପ୍ରମୁଖ ଉପସ୍ଥିତ ଥିଲେ।

ବିକ୍ରେତା ଆବଶ୍ୟକ
ବହୁରାଷ୍ଟ୍ରୀୟ କମ୍ପାନୀ ନିମନ୍ତେ
ପୂର୍ବ, ଉତ୍ତର ଏବଂ ପଶ୍ଚିମ ଭାରତରେ ବ୍ୟାପ୍ତ ~200 ସ୍ଥାନ ପାଇଁ ସିଭିଲ୍ କାର୍ଯ୍ୟ, ସୋର୍ସିଂ, ଯୋଗାଣ, ଇଲେକ୍ଟ୍ରିକାଲର ଆଇ ଆଣ୍ଡ ସି, ସୋଲାର, ପାୱାର, ଇଣ୍ଟରନେଟ୍ ସଂଯୋଗ, ଆର୍ଥିଂ ଉପକରଣ ଏବଂ ଲଜିଷ୍ଟିକ୍ ସହାୟତା ସମେତ 5 ବର୍ଷର ଏଏମ୍‌ସି।
କେବଳ ଅତୀତରେ ସମାନ ଧରଣର କାର୍ଯ୍ୟର ଅଭିଜ୍ଞତା ରଖିଥିବା କମ୍ପାନୀ ଆବେଦନ କରିପାରିବେ।
enquiry880440@gmail.com

## ପୌର ନିର୍ବାଚନ ଶୀଘ୍ର ହେଉ ହାଇକୋର୍ଟରେ ପିଟିସନ ଦାଖଲ କଲେ କଂଗ୍ରେସ ସଭାପତି

ରାୟଗଡ଼ା ଅଫିସ,୧୧।୯–

ରାୟଗଡ଼ା ଜିଲା କଂଗ୍ରେସ ସଭାପତି ଦୁର୍ଗା ପ୍ରସାଦ ପଣ୍ଡା ହାଇକୋର୍ଟରେ ଏକ ପିଟିସନ ଦାଖଲ କରିଛନ୍ତି। ୨୦୧୩ ପରେ ପୌର ନିର୍ବାଚନ ହୋଇନାହିଁ। ନିର୍ବାଚନ ନ ହେବା ଦ୍ୱାରା ମନମୁଖୀ ଶାସନ ଚାଲିଛି। ରାଜ୍ୟ ନିର୍ବାଚନ କମିଶନ ତୁରନ୍ତ ପଦକ୍ଷେପ ନିଅନ୍ତୁ ଏବଂ ଶୀଘ୍ର ନିର୍ବାଚନ କରାଯାଉ ବୋଲି ଦାବି କରି ସେ ପିଟିସନ ଦାଖଲ କରିଛନ୍ତି।

## ମରଣଯନ୍ତା ପାଲଟିଛି ଉମରକୋଟ-ଭାସ୍କେଲ ରାସ୍ତା

ଉମରକୋଟ,୧୧।୯(ସ୍ୱ.ପ୍ର.)

ନବରଙ୍ଗପୁର ଜିଲାର ଉମରକୋଟ–ଭାସ୍କେଲ ରାସ୍ତା ମରଣଯନ୍ତା ପାଲଟିଛି। ଉମରକୋଟ ଠାରୁ ଚିକଲପଦର ଦେଇ ଡ୍ୟାମ୍‌କୁ ଯିବା ପାଇଁ ରହିଥିବା ପିଚୁରାସ୍ତା ବିପଜ୍ଜନକ ପାଲଟିଛି। ରାସ୍ତାର ଉଭୟ ପାର୍ଶ୍ୱରେ ଦୁଇଟି ବିରାଟ ଗର୍ତ୍ତ ସୃଷ୍ଟି ହୋଇଥିବାବେଳେ ମଝିରେ ବାଇକ୍ ଯିବା ମଧ ଅସୁରକ୍ଷିତ ହୋଇପଡ଼ିଛି। ଲୋକେ ଏହି ରାସ୍ତାରେ ଯାତାୟାତ କରୁଥିବାବେଳେ ଯେ କୌଣସି ସମୟରେ ବଡ଼ ଦୁର୍ଘଟଣାର ଆଶଙ୍କା ରହିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେବେ ଡ୍ୟାମ୍‌କୁ ଯିବା ପାଇଁ ଏହା ଅନ୍ୟତମ ରାସ୍ତା ହୋଇଥିଲେ ମଧ ବହୁ ଲୋକ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ଏହି ରାସ୍ତାତଳ ଦେଇ କେନାଲ ଯାଇଥିବାବେଳେ ବିଶେଷକରି ରାତିରେ ଏହି ଅନ୍ଧାରୁଆ ରାସ୍ତାରେ ଗର୍ତ୍ତ ଦେଖା ନ ଗଲେ ଦୁର୍ଘଟଣାକୁ ଏଡ଼ାଇ ଦେଇ ହେବନି। ତେଣୁ ଶୀଘ୍ର ରାସ୍ତା ନିର୍ମାଣ ନିମନ୍ତେ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ବିଷୟରେ ଜଳସେଚନ ବିଭାଗ ଏସ୍‌ଡିଓ ନିରଞ୍ଜନ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ପୂର୍ବରୁ ସେହି ସ୍ଥାନରେ ମାଟି ପଡ଼ିଥିଲା। ବର୍ଷା ଯୋଗୁ ଧୋଇଯାଇଛି। ବର୍ଷା



ଋତୁ ପରେ ହିଁ ସ୍ଥାୟୀ ନିର୍ମାଣ କାର୍ଯ୍ୟ ହୋଇପାରିବ। ଏବେ ଲୋକଙ୍କ ସୁବିଧା ପାଇଁ ଶୀଘ୍ର ମାଟି ପକାଇ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

अखिल भारतीय आयुर्विज्ञान संस्थान (एम्स), भुवनेश्वर
ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
सिजुआ, डाक : डुमुडुमा, भुवनेश्वर -751019
Sijua, P.O.-Dumuduma, Bhubaneswar-751019
No. AIIMS/BBSR/RECT/DEPUTATION/852/2979 Dated: 9th Sep, 2021
VACANCY NOTICE ON DEPUTATION FOR AIIMS, BHUBANESWAR & AIIMS GUWAHATI
Applications are invited in prescribed pro-forma from eligible Officers/Officials of Central/State/U. T. Government/Universities/Statutory/Autonomous Bodies/Public Sector Undertaking/Research and Development Organisations/Police Departments of Central/State/U.T/Armed Forces including Para Military Forces as applicable for filling up of Group 'A' and 'B' posts on Deputation Basis at All India Institute of Medical Sciences, Bhubaneswar and All India Institute of Medical Sciences, Guwahati.
The details of Vacant Posts at All India Institute of Medical Sciences, Bhubaneswar.

| Sl. | Name of Post | Group | Pay Matrix & Level | No. of Posts |
|---|---|---|---|---|
| 1. | Chief Librarian | A | Level-13 as per 7th CPC (Rs.123100-215900) | 01 |
| 2. | Librarian Selection Grade | A | Level-11 as per 7th CPC (Rs.67700 -208700) | 01 |
| 3. | Chief Medical social Service Officer | A | Level-11 as per 7th CPC (Rs. 67700 - 208700) | 01 |
| 4. | Executive Engineer (Civil) | A | Level-11 as per 7th CPC (Rs. 67700 - 208700) | 01 |
| 5. | Hospital Architect | A | Level-11 as per 7th CPC (Rs. 67700 - 208700) | 01 |
| 6. | Senior Administrative Officer | A | Level-11 as per 7th CPC (Rs.67700 -208700) | 01 |
| 7. | Deputy Chief Security Officer | A | Level-11 as per 7th CPC (Rs. 67700 - 208700) | 01 |
| 8. | Finance and Chief Accounts Officer (Sr. Accounts Officer) | A | Level-11 as per 7th CPC (Rs.67700 -208700) | 01 |
| 9. | Accounts Officer | A | Level-10 as per 7th CPC (Rs. 56100 -177500) | 01 |
| 10. | Security Officer | A | Level-10 as per 7th CPC (Rs. 56100 -177500) | 01 |
| 11. | Store Officer | A | Level-10 as per 7th CPC (Rs. 56100 -177500) | 02 |
| 12. | Assistant Administrative Officer | B | Level-7 as per 7th CPC (Rs. 44900-142400) | 02 |

The details of Vacant Posts at All India Institute of Medical Sciences, Guwahati.

| Sl. | Name of Post | Group | Pay Matrix & Level | No. of Posts |
|---|---|---|---|---|
| 1. | Financial Advisor | A | Level-13 as per 7th CPC(Rs.123100-215900) | 01 |
| 2. | Executive Engineer (Civil) | A | Level-11 as per 7th CPC (Rs. 67700 - 208700) | 01 |
| 3. | Accounts Officer | A | Level-10 as per 7th CPC (Rs. 56100 -177500) | 01 |
| 4. | Assistant Administrative Officer | B | Level-7 as per 7th CPC (Rs. 44900-142400) | 01 |

i) Maximum age limit for applying for the aforesaid posts on deputation is 56 years as on last date of receipt of applications.
ii) The period of deputation will be for a period of 3 (three) years and extendable for maximum period of seven years as per DoPT guidelines.
iii) The Officers/Officials who fulfill the specified eligibility criteria may submit their application in the prescribed proforma at **Annexure-I** through proper channel to **The Assistant Administrative Officer, Recruitment Cell, All India Institute of Medical Sciences, At - Sijua, Po - Dumuduma, Patrapara, Bhubaneswar -751019**
iv) For detailed advertisement including educational qualifications, age and eligibility criteria etc., kindly visit the Institute's website **https://aiimsbhubaneswar.nic.in.**
v) The last date of receipt of complete application on the prescribed proforma along with required documents through proper channel is **30 days after publication of this advertisement in the Employment News.**
Sd/-
प्रशासनिक अधिकारी/ Administrative Officer
एम्स, भुवनेश्वर/ AIIMS, Bhubaneswar

## ସଂକ୍ଷେପରେ

### କରୋନା କଟକଣାରେ ପାଳନ ହେଲା ନୂଆଖାଇ



ମାଲକାନଗିରି,୧୧।୯(ଡି.ଏନ.ଏ.)- ପଶ୍ଚିମ ଓଡିଶାର ପାରମ୍ପରିକ ଗଣପର୍ବ ନୂଆଖାଇ କରୋନା କଟକଣା ମଧ୍ୟରେ ପାରମ୍ପରିକ ରୀତିନୀତି ଅନୁସାରେ ଶନିବାର ପାଳିତ ହୋଇଛି। ଗତବର୍ଷ କରୋନା କଟକଣା ଯୋଗୁ ଏହି ପର୍ବ ପାଳନରେ ଫିକା ପଡିଥିଲା। ଚଳିତ ବର୍ଷ ସରକାର କଟକଣାରେ କିଛିଟା କୋହଳ କରିଥିବାରୁ ସମସ୍ତେ କଟକଣା ମଧ୍ୟରେ ନୂଆଖାଇ ପାଳିଛନ୍ତି। ସହରରେ ଥିବା ରିକ୍ଲାମେସନ କଲୋନୀ ବାସିନ୍ଦା ସକାଳୁ ଯାଇ ଜମିରୁ ଧାନ ଆଣି ଏହି ଧାନକୁ ପୂଜା କରିବା ପାଇଁ ପ୍ରସ୍ତୁତ କରିଥିଲେ। ପରେ ପୂଜା ପାଇଁ ପିଠା , କ୍ଷୀରି ପ୍ରସ୍ତୁତ କରି ଇଷ୍ଟ ଦେବୀ ମାଆ ବସ୍ତାଣୀଙ୍କ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ସେହି ଭୋଗକୁ ନିଜେ ସେବନ କରିବା ସହ ଆଖ ପାଖ ପୋଡଶୀଙ୍କୁ ବଣ୍ଟନ କରିଥିଲେ। ଅନ୍ୟପକ୍ଷରେ କରୋନା କଟକଣା ଯୋଗୁ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ବିଶେଷ ଗହଳି ପରିଲକ୍ଷିତ ହୋଇ ନ ଥିଲା।

### ମହିଳାଙ୍କୁ ଅସଦାଚରଣ ଅଭିଯୋଗ

ମାଲକାନଗିରି,୧୧।୯(ଡି.ଏନ.ଏ.)- ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ କତାମେଟାପଦର ଗ୍ରାମର ଜନୈକା ମହିଳାଙ୍କୁ ଗୋବିନ୍ଦପାଲିର ଜଣେ ଯୁବକ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ କତାମେଟାପଦର ଗ୍ରାମର ଜନୈକା ଯୁବତୀଙ୍କୁ ଗୋବିନ୍ଦପାଲି ଗ୍ରାମର ଜଣେ ଯୁବକ ଅସଦାଚରଣ କରିଥିଲେ। ସେ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ଗତ ୨ ଦିନ ତଳେ ଭଡାରେ ରହିଥିଲେ। ୧୦ ତାରିଖ ସକାଳେ ଗ୍ରାମର ଜଣେ ମହିଳା ନିଜ ଘରେ ସ୍ନାନ କରୁଥିବା ବେଳେ ସମ୍ପୃକ୍ତ ଯୁବକ ତାଙ୍କ ସ୍ନାନାଗାରରେ ପଶି ମହିଳାଙ୍କ ହାତ ଧରି ଟଣାଓଟରା କରି ତାଙ୍କ ସ୍ୱାମୀ ନେଇଥିବା ମୋବାଇଲ ଫେରାଇବାକୁ କହିଥିଲେ। କାହାର ମୋବାଇଲ ତାଙ୍କ ପାଖରେ ନ ଥିବା କହି ମହିଳା ଜଣକ ଯୁବକଙ୍କୁ ଧକ୍କା ମାରି ବାହାର କରି ଦେଇଥିଲେ। ପରେ ମହିଳାଙ୍କ ପୋଡ଼ଶୀ ଜଣେ ବ୍ୟକ୍ତି ଆସି ସମ୍ପୃକ୍ତ ଯୁବକଙ୍କ ସପକ୍ଷ ନେଇ ମହିଳାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଥାନାକୁ ଗଲେ ଜୀବନରୁ ମାରିଦେବି ବୋଲି ଧମକ ଦେଇଥିଲେ। ଏନେଇ ମହିଳା ଜଣକ ଶନିବାର ମାଲକାନଗିରି ଥାନାରେ ଏତଲା ଦେଇଛନ୍ତି । ଏହାକୁ ଭିତି କରି କେସ ନଂ. ୪୦୯/୨୧ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି।

### ବିଷ ଖାଇ ଯୁବକଙ୍କ ଆତ୍ମହତ୍ୟା

କାଲିମେଳା,୧୧।୯(ଡି.ଏନ.ଏ.)- ମାଲକାନଗିରି ଜିଲା କାଲିମେଳା ଥାନା ଅନ୍ତର୍ଗତ ଉଣ୍ଡୁକୋଣ୍ଡା ପଞ୍ଚାୟତ ଟେକାଲଗୁଡା ଗ୍ରାମରେ ଜଣେ ଯୁବକ ବିଷପିଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଗ୍ରାମର ରାମା ପଡିଆମିଙ୍କ ପୁଅ ଦେବା ପଡିଆମି(୪୦)। କୌଣସି କାରଣକୁ ନେଇ ଦେବା ଘରେ ଥିବା କୀଟନାଶକ ଖାଇଦେଇଲେ। ସେତେବେଳେ ଘର ଲୋକେ କିଛି ଜାଣି ପାରି ନ ଥିଲେ। କିଛି ସମୟପରେ ଦେବା ଅସୁସ୍ଥ ହୋଇପଡିବାରୁ ତାଙ୍କୁ ସଙ୍ଗେସଙ୍ଗେ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପରିବାର ଲୋକେ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ହୋଇଛି। ଖବରପାଇ କାଲିମେଳା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

### ଅଜଣା ଗାଡ଼ି ଧକ୍କାରେ ନିର୍ମାଣ ଶ୍ରମିକଙ୍କ ମୃତ୍ୟୁ

କୋରାପୁଟ,୧୧।୯(ସ୍ୱ.ପ୍ର.)- କୋରାପୁଟ ଆଇଆରବି କ୍ୟାମ୍ପ ନିକଟରେ ଏକ ଅଜଣା ଗାଡି ଧକ୍କାରେ ଶନିବାର ଜଣେ ନିର୍ମାଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ସେ ହେଲେ କୋରାପୁଟ ସଦର ଥାନା ଅନ୍ତର୍ଗତ ଝାଡିଗୁଡା ଗ୍ରାମର ଭାସ୍କର ଡୁରକା ଭାସ୍କର ବାଇକ୍ ଯୋଗେ କୋରାପୁଟରୁ ଜୟପୁର ଯାଉଥିବାବେଳେ ଆଇଆରବି କ୍ୟାମ୍ପ ନିକଟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରତର ହୋଇ ପଡିଥିଲେ । ଖବରପାଇ ସଦର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଭାସ୍କରଙ୍କୁ ଉଦ୍ଧାର କରି ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଯୋଗ୍ୟ ହିତାଧିକାରୀଙ୍କୁ ନାହିଁ ଆବାସ, ଭତ୍ତା

ଦଶମନ୍ତପୁର,୧୧।୯(ଡି.ଏନ.ଏ.)



ନିଜ ଭଙ୍ଗାଘର ସମ୍ମୁଖରେ ସେବତୀ ।

- ଭଙ୍ଗା କୁଡ଼ିଆଘରେ ରହୁଛନ୍ତି ବୃଦ୍ଧ ଦମ୍ପତି
- ବର୍ଷା ହେଲେ ରାତି ଉଜାଗର ରହିବାକୁ ପଡ଼େ
- ବାରମ୍ବାର ନାମ ପଞ୍ଜୀକରଣ କରି ମିଳୁନି ସୁଫଳ

କେନ୍ଦ୍ର ଓ ରାଜ୍ୟ ସରକାର ଗରିବ ଅସହାୟ ଲୋକଙ୍କ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଘର ନ ଥିବା ଲୋକଙ୍କ ପାଇଁ ଆବାସ, ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସର ଲୋକଙ୍କ ପାଇଁ ଭତ୍ତା ବ୍ୟବସ୍ଥା କରିଛନ୍ତି। ମାତ୍ର କେତେକ କ୍ଷେତ୍ରରେ ଯୋଗ୍ୟ ହିତାଧିକାରୀ ଏହା ପାଇବାରୁ ବଞ୍ଚିତ ହେଉଛନ୍ତି। ଏପରି ହିତାଧିକାରୀଙ୍କୁ ଦେଖିବାକୁ ମିଳିଛି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ପୋଡ଼ାଗଡ଼ ପଞ୍ଚାୟତର ଲମତାପୁଟ ଗ୍ରାମରେ। ଏହି ଗ୍ରାମର ବୃଦ୍ଧ ଦମ୍ପତି ଲଛମନ ଚୌଧୁରୀ (୭୦) ଓ ତାଙ୍କ ସ୍ତ୍ରୀ ସେବତୀ ଚୌଧୁରୀ (୬୫) ଭତ୍ତା ପାଇଁ ଯୋଗ୍ୟ ହୋଇଥିଲେ ମଧ୍ୟ ଆବାସ ଓ ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ହୋଇ ରହିଛନ୍ତି। ବୟସ ଅଧିକ ଯୋଗୁ ଆଉ କାମଧନ୍ଦା କରିପାରୁନାହାନ୍ତି। ସରକାରଙ୍କ ପକ୍ଷରୁ ମିଳୁଥିବା ୧୦ କେଜି ରାଶନ ଚାଉଳରେ ଚଳୁଛନ୍ତି ଉଭୟ ସ୍ୱାମୀସ୍ତ୍ରୀ। ଦୁଇଝିଅ ଗୋଟିଏ ପୁଅକୁ ନେଇ ଲଛମନଙ୍କ ସଂସାର। ଝିଅ ଦୁଇଜଣ ବିବାହ କରିସାରିଥିବା ବେଳେ ପୁଅ ତା' ସଂସାରକୁ ନେଇ ବ୍ୟସ୍ତ। ଚାଷଜମି ମଧ୍ୟ ସେମାନଙ୍କର ନାହିଁ। ଏପରିସ୍ଥଳେ ସେମାନେ ବହୁ କଷ୍ଟରେ ଚଳୁଛନ୍ତି ବୋଲି କହିଛନ୍ତି ସେବତୀ। ଏବେ ଦୁହେଁ ଝାଟିମାଟିର ଭଙ୍ଗାକୁଡ଼ିଆ ଘରେ ରହୁଛନ୍ତି। ବର୍ଷା ହେଲେ ପାଣି ଗଳୁଛି। ରାତିରେ ବର୍ଷା ହେଲେ ରାତିସାରା ଉଜାଗର ରହିବାକୁ ପଡୁଛି। ଭତ୍ତା ଓ ଆବାସ ଘରଟିଏ ପାଇଁ ଏହି ଦମ୍ପତି ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭକରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡୁଥିଲେ ମଧ୍ୟ କେହି ତାଙ୍କ ପ୍ରତି ସଦୟ ହେଉନାହାନ୍ତି। ପ୍ରତିବର୍ଷ ପଲ୍ଲିସଭା ଓ ଗ୍ରାମସଭାରେ ସେମାନେ ଘର ଓ ଭତ୍ତା ପାଇଁ ନାମ ପଞ୍ଜୀକରଣ କରୁଛନ୍ତି। ମାତ୍ର ଭତ୍ତା କି ଆବାସ ସେମାନଙ୍କ ପାଇଁ କିଛି ମଞ୍ଜୁର ହେଉନାହିଁ ବୋଲି କହନ୍ତି ଲଛମନ। ଏ ସମ୍ପର୍କରେ ସରପଞ୍ଚ ଭଗବାନ ମୁଦୁଲିଙ୍କୁ ପଚାରିବାରୁ ସେ କହିଥିଲେ, ପଞ୍ଚାୟତରେ ପ୍ରାୟ ୩ ଶହ ଲୋକଙ୍କ ନାମ ଆବାସ ଓ ଭତ୍ତା ତାଲିକାରେ ରହିଛି। ଯଦି ତାଲିକାରେ ସେମାନଙ୍କ ନାମ ଥିବ ତେବେ ଘର ପାଇବେ। ନ ହେଲେ ଆମ ତରଫରୁ ସମ୍ପୃକ୍ତ ପରିବାରକୁ ଘରଟିଏ ଯୋଗାଇ ଦେବାକୁ ଚେଷ୍ଟା କରାଯିବ ବୋଲି ମୁଦୁଲି କହିଥିଲେ।

## ସ୍ୱାମୀଙ୍କୁ ଟାଣିଟାଣି ଥାନାକୁ ନେଲେ ସ୍ତ୍ରୀ

ବିଷମକଟକ, ୧୧।୯(ଡି.ଏନ୍.ଏ.)



ପ୍ରେମ କରି ବିବାହ କରିଥିଲେ। ହେଲେ ସ୍ତ୍ରୀଙ୍କୁ ଆନ୍ଧ୍ର ପ୍ରଦେଶରେ ଛାଡ଼ି ସ୍ୱାମୀ ଚମ୍ପଟ ମାରିଥିଲେ। ୯ ମାସ ଧରି ଖୋଜିବା ପରେ ଶେଷରେ ରାୟଗଡ଼ା ଜିଲା ବିଷମକଟକରେ ସ୍ୱାମୀଙ୍କୁ ପାଇଥିଲେ। ଶନିବାର ତାଙ୍କୁ ମାଡ ମାରିବା ସହ ଟାଣିଟାଣି ଥାନାକୁ ନେଇଛନ୍ତି ସ୍ତ୍ରୀ। ଏଭଳି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ବିଷମକଟକ ଥାନା କାଙ୍କୁବାଡ଼ି ଗ୍ରାମର ସୁମନ କୁସୁଲିଆ ଆନ୍ଧ୍ର ପ୍ରଦେଶର ଭୀମାବରମଠାରେ ଏକ ଚିଙ୍ଗୁଡ଼ି ଫାର୍ମରେ କାମ କରୁଥିଲେ। ସେଠାରେ ଆନ୍ଧ୍ର ପ୍ରଦେଶର ପାଡେରୁ ଅଞ୍ଚଳର ବେଳସୁରୁ କୁମାରୀଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା ପରେ ଦୁହେଁ ଏକ ମନ୍ଦିରରେ ବିବାହ କରିଥିଲେ। ତିନି ମାସ ଏକାଠି ରହିବା ପରେ ସୁମନ ବେଳସୁରୁଙ୍କୁ ସେଠାରେ ଛାଡ଼ି ଗାଁକୁ ଚାଲି ଆସିଥିଲେ।

### ମହଙ୍ଗା ପଡ଼ିଲା ପ୍ରତାରଣା

ଏହାପରେ ସେ ସ୍ୱାମୀଙ୍କୁ ଖୋଜି ବିଫଳ ହୋଇଥିଲେ । ଏବେ ସେ ବିଷମକଟକରେ ଅଟୋ ଚଳାଉଥିବା କୌଣସି ପ୍ରକାରେ ଖବର ପାଇ ବେଳସୁରୁ ପହଞ୍ଚିଥିଲେ। ଅନ୍ୟ କେତେଜଣଙ୍କ ସହାୟତାରେ ସେ ସୁମନଙ୍କୁ ଠାବ କରିବା ସହ ଥାନାକୁ ନେଇ ତାଙ୍କ ବିରୋଧରେ ପ୍ରତାରଣା ଅଭିଯୋଗ କରିଛନ୍ତି। ବେଳସୁରୁଙ୍କୁ ଏବେ ବାପଘର ଲୋକେ ଗ୍ରହଣ କରୁ ନ ଥିବାରୁ ନ୍ୟାୟ ପାଇଁ ଦାବିକରିଛନ୍ତି। ଏ ନେଇ ବିଷମକଟକ ଥାନାଧିକାରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ଉତ୍ତର ମିଳିନାହିଁ।

## ବର୍ଷାରେ ଭୁଶୁଡ଼ିଲା ଘର କାନ୍ଥ

ଦଶମନ୍ତପୁର,୧୧।୯( ଡି.ଏନ୍.ଏ.)



ଭୁଷୁଡି ପଡିଥିବା ଘର କାନ୍ଥ ।

ଦଶମନ୍ତପୁର ବ୍ଲକ ସଦର ମହକୁମା ପଞ୍ଚାୟତର ଦଳିତସାହିରେ ବସବାସ କରୁଥିବା ନାଥ ସଗରଙ୍କ ଘର ମାଟିକାନ୍ଥ ଶୁକ୍ରବାର ବିଳମ୍ବିତ ରାତିରେ ଲଘୁଚାପଜନିତ ଲଗାଣ ବର୍ଷାରେ ଭୁଶୁଡ଼ିପଡ଼ିଛି। ତେବେ ଘରେ ଶୋଇଥିବା ନାଥଙ୍କ ପରିବାରର କାହାର କିଛି କ୍ଷତି ହୋଇନାହିଁ। ୪ ପ୍ରାଣୀ କୁଟୁମ୍ବଙ୍କୁ ନେଇ ତାଙ୍କ ପରିବା। ମୂଲମଜୁରି ଲାଗି ନାଥ ପରିବାର ଚଳାନ୍ତି। ଅଭାବ ଯୋଗୁ ଭଲ ଘର ଖଣ୍ଡେ କରିପାରୁନାହାନ୍ତି। ଯେଉଁ ପୁରୁଣା ଘର ଥିଲା ସେଥିରେ ପରିବାର ଧରି ରହୁଥିଲେ। ଗତ ଦୁଇଦିନ ଧରି ଲାଗି ରହିଥିବା ଲଘୁଚାପଜନିତ ବର୍ଷା ଯୋଗୁ ଘରର ମାଟିକାନ୍ଥ ଓଦା ହୋଇ ଭିଜି ରହିଥିଲା । ଶୁକ୍ରବାର ରାତିରେ ତାହା ଭୁଶୁଡ଼ି ପଡ଼ିଥିଲା। ଏବେ ଆମେ ଅସହାୟ ହୋଇପଡ଼ିଛୁ। ପିଲାଙ୍କୁ ଧରି କେଉଁଠି ରହିବୁ କ'ଣ କରିବୁ ବୋଲି କହିଛନ୍ତି ନାଥଙ୍କ ସ୍ତ୍ରୀ ଲକ୍ଷ୍ମୀ। ଏ ସମ୍ପର୍କରେ ସରପଞ୍ଚ ବଳରାମ ମୁଦୁଲି ଏବଂ ପିଇଓ ଗଙ୍ଗାଧର ବେହେରାଙ୍କୁ ଯୋଗାଯୋଗ କରିବାରୁ ଉଭୟଙ୍କ ସହ ଯୋଗାଯୋଗ ହୋଇପାରି ନ ଥିଲା। ବ୍ଲକ ପ୍ରଶାସନ ପକ୍ଷରୁ ନାଥଙ୍କ ପରିବାରକୁ ଆବାସ ଯୋଜନାରେ ଘରଟିଏ ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଚାକିରି ପ୍ରଲୋଭନ ଦେଖାଇ ୮୦ ହଜାର ନେଇଗଲେ

ମାଲକାନଗିରି,୧୧।୯(ଡି.ଏନ.ଏ.)

ମାଲକାନଗିରି ଜଲା ସଦର ବ୍ଲକ ଅନ୍ତର୍ଗତ ସିନ୍ଧିବାଡ଼ି ଗ୍ରାମର ଜନୈକ ବ୍ୟକ୍ତିଙ୍କୁ ଚାକିରି କରାଇ ଦେବାକୁ ପ୍ରଲୋଭନ ଦେଖାଇ ୮୦ ହଜାର ଟଙ୍କା ଠକି ନେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସିନ୍ଧିବାଡ଼ି ଗ୍ରାମର ନରେନ୍ଦ୍ର ପଡ଼ାଇଙ୍କ ସହ ମାଲକାନଗିରି ବୁଟିଗୁଡ଼ା ସାହିର ସଦନ ପାଙ୍ଗିଙ୍କ ଗତ ୨ ବର୍ଷ ତଳେ ପରିଚୟ ହୋଇଥିଲା। ସଦନ ନରେନ୍ଦ୍ରଙ୍କୁ ଏସ୍‌ପି ଅଫିସରେ ଡାଟା ଏଣ୍ଟ୍ରି ଅପରେଟର ଭାବେ ଚାକିରି କରାଇ ଦେବାକୁ ପ୍ରଲୋଭନ ଦେଖାଇଥିଲେ। ଏଥିପାଇଁ ୮୦ ହଜାର ଟଙ୍କା ଖର୍ଚ୍ଚ ହେବ ବୋଲି ସଦନ କହିଥିଲେ। ଏହାକୁ ବିଶ୍ୱାସ କରି ନରେନ୍ଦ୍ର ସଦନ ଦେଇଥିବା ଏକ ଆକାଉଣ୍ଟ ନମ୍ବରରେ ପ୍ରଥମେ ୨୦ ହଜାର ଟଙ୍କା ପଠାଇଥିଲେ। ଏତିକି ଟଙ୍କାରେ ଚାକିରି ହେବ ନାହିଁ ବୋଲି ସଦନ କହିବାରୁ ନରେନ୍ଦ୍ର ବିଭିନ୍ନ ସମୟରେ ସେହି ଆକାଉଣ୍ଟରେ ୬୦ ହଜାର ଟଙ୍କା ଡିପୋଜିଟ୍ କରିଥିଲେ। ପରେ ସଦନ ଏକ ଜାଲ୍ ନିଯୁକ୍ତିପତ୍ର ନରେନ୍ଦ୍ରଙ୍କୁ ଦେଇଥିଲେ। ଏହା ଜାଣିବା ପରେ ସେ ସଦନଙ୍କୁ ଟଙ୍କା ମାଗିଥିଲେ। ସଦନ ଟଙ୍କା ନ ଦେଇ ତାଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ଶେଷରେ ନରେନ୍ଦ୍ର ଶନିବାର ମାଲକାନଗିରି ଥାନାର ଆଶ୍ରୟ ନେଇଛନ୍ତି। ପୋଲିସ ୪୦୭/୨୧ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

### ୯ କରୋନା ପଜିଟିଭ ଚିହ୍ନଟ

କୋରାପୁଟ,୧୧।୯(ସ୍ୱ.ପ୍ର.)- କୋରାପୁଟ ଜିଲାରୁ ଶନିବାର ୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୪ ଜଣ ମହିଳା ଓ ୫ ଜଣ ପୁରୁଷ ରହିଛନ୍ତି। ସେମିଲିଗୁଡା ବ୍ଲକ ଅଞ୍ଚଳରୁ ୫ ଜଣ, କୋରାପୁଟ ବ୍ଲକ ଅଞ୍ଚଳରୁ ୨, ଜୟପୁର ମ୍ୟୁନିସିପାଲିଟି ଅଞ୍ଚଳରୁ ଜଣେ, ସୁନାବେଡା ମ୍ୟୁନିସିପାଲିଟି ଅଞ୍ଚଳରୁ ଜଣେ ଚିହ୍ନଟ ହୋଇଛନ୍ତି ।

## ରେଲୱେ ଗୋଦାମରୁ ୬କୁଇଣ୍ଟାଲ ତମ୍ବାତାର ଚୋରି: ୨ ଗିରଫ

କୋରାପୁଟ,୧୧।୯(ସ୍ୱ.ପ୍ର.)

କୋରାପୁଟ ରେଲୱେ ଷ୍ଟେଶନ ନିକଟରେ ଥିବା ରେଲୱେ ଗୋଦାମରୁ ପ୍ରାୟ ୨୭ଲକ୍ଷ ଟଙ୍କାର ମୂଲ୍ୟବାନ ତମ୍ବାତାର ଚୋରି ହୋଇଯାଇଛି। ଚୋରି ତମ୍ବାତାର ୬ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ହେବ। ଏହାର ଆନୁମାନିକ ମୂଲ୍ୟ ୨୭ ଲକ୍ଷ ଟଙ୍କା ହେବ ବୋଲି ଜଣାଯାଇଛି। ଏନେଇ କୋରାପୁଟ ଆର୍‌ପିଏଫ୍ ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଛି। ଘଟଣାରେ ସାମିଲ ଥିବା ସନ୍ଦେହରେ ପୂର୍ବରୁ କୋରାପୁଟ ମିଶନ କମ୍ପାଉଣ୍ଡ ଓ ରେଲୱେ କଲୋନୀ ଅଞ୍ଚଳରୁ ୨ ଜଣଙ୍କୁ ଗିରଫ କରାଯାଇଥିଲା। ଶନିବାର ୫ ଜଣ

### ବଜାର ମୂଲ୍ୟ ୨୭ ଲକ୍ଷ ଟଙ୍କା

ମହିଳାଙ୍କୁ ଅଟକ ରଖାଯାଇ ସେମାନଙ୍କୁ ପଚରାଉଚରା କରାଯାଉଥିବା ରେଲୱେ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏହି ଚୋରି ଅଗଷ୍ଟ ୨୫ରୁ ସେପ୍ଟେମ୍ବର ୬ ମଧ୍ୟରେ ହୋଇଥିବା ଏବଂ ଏଥିରେ ୨୦ରୁ ଉର୍ଦ୍ଧ୍ୱ ମହିଳା ସାମିଲ ଥିବା ଆର୍‌ପିଏଫ୍ ସନ୍ଦେହ କରୁଛି। ଖବରଲେଖା ହେବା ବେଳକୁ ଆର୍‌ପିଏଫ୍ ପୋଲିସ ଚୋରି ହୋଇଥିବା ତମ୍ବା ତାରରୁ ଦେଢ କୁଇଣ୍ଟାଲ ଜବତ କରିଛି। ସାଲୁର ଆର୍‌ପିଏଫ୍ ଇନ୍ସପେକ୍ଟର ମନୋଜ କୁମାରଙ୍କ ନେତୃତ୍ୱରେ କୋରାପୁଟ ଆର୍‌ପିଏଫ୍‌ର ୨ଟି ଟିମ୍ ଏହାର ତଦନ୍ତ ଚଳାଇଛି ।

## କୋରାପୁଟ ଷ୍ଟେଶନରେ ପହଞ୍ଚିଲା ଏଲ୍‌ଏଚ୍‌ବି କୋଚ ବିଶିଷ୍ଟ ହୀରାଖଣ୍ଡ ଏକ୍ସପ୍ରେସ୍

କୋରାପୁଟ/ଟିକିରି, ୧୧।୯(ସ୍ୱ.ପ୍ର./ଡି.ଏନ.ଏ.)



କୋରାପୁଟ ରେଳ ଷ୍ଟେଶନରେ ହୀରାଖଣ୍ଡ ଏକ୍ସପ୍ରେସ୍ ।

ଶନିବାର କୋରାପୁଟ ରେଳ ଷ୍ଟେଶନରେ ପହଞ୍ଚିଛି ୧୨ଟି ଏଲଏଚବି କୋଚ ବିଶିଷ୍ଟ ହୀରାଖଣ୍ଡ ଏକ୍ସପ୍ରେସ ଟ୍ରେନ । ଆଧୁନିକ ଏଲଏଚବିରେ ୧୨ କୋଚ ଯଥା ଗୋଟିଏ ଏସି ଦ୍ୱିତୀୟ ଟାୟାର, ଦୁଇଟି ଏସ୍ ତୃତୀୟ ଟାୟାର, ୪ଟି ସ୍ଲିପର କ୍ଲାସ, ୩ଟି ଦ୍ୱିତୀୟ ଶ୍ରେଣୀ ସିଟିଂ ଏବଂ ୨ଟି ଗାର୍ଡ ତଥା ଲଗେଜ ଭ୍ୟାନ ରହିଥିବା ଜଣାପଡିଛି। ଏସି କୋଚରେ ସିସିଟିଭି କ୍ୟାମେରା ଲଗାଯାଇଛି। ଆଧୁନିକ ଏଲଏଚବି କୋଚରେ ଯାତ୍ରା ଆରାମଦାୟକ ରହିଥିବା ଯାତ୍ରୀମାନେ ପ୍ରକାଶ କରିଛନ୍ତି। ବାୟୋ ଟଏଲେଟ ସଫା ରହିଥିବା ଜଣେ ଯାତ୍ରୀ କହିଛନ୍ତି। ଅଶ୍ୱିନୀ ବୈଷ୍ଣବ ରେଳମନ୍ତ୍ରୀ ହେବା ପରେ ଖୁବ କମ ସମୟରେ ଆଧୁନିକ ଏଲଏଚବି ହୀରାଖଣ୍ଡ ଟ୍ରେନକୁ ପ୍ରଦାନ କରିଥିବାରୁ ଜଣେ ମହିଳା ଯାତ୍ରୀ ମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ସୂଚନାଯୋଗ୍ୟ, ଶୁକ୍ରବାର ରାତିରେ କେନ୍ଦ୍ର ରେଳମନ୍ତ୍ରୀଙ୍କ ଦ୍ୱାରା ଏହାର ଶୁଭାରମ୍ଭ ହୋଇଥିଲା। ସେହିପରି ରାୟଗଡା ଷ୍ଟେଶନ ଓ ଟିକିରି ଷ୍ଟେଶନରେ ଏହି ଟ୍ରେନ ପହଞ୍ଚିବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି।

## ଯୋଜନା ନାହିଁ: ଅଳ୍ପ ବର୍ଷାରେ ଘରେ ପଶୁଛି ପାଣି

କୁନ୍ଦୁରା,୧୧।୯(ଡି.ଏନ୍. ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଉପକଣ୍ଠ କାଳିଆକାଦ ଗ୍ରାମରେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ବର୍ଷା ହେଲେ ଲୋକଙ୍କ ଘରେ ପଶୁଛି ବର୍ଷାଜଳ। ବାରମ୍ବାର ସରପଞ୍ଚ, ପ୍ରଶାସନ ନିକଟରେ ଡ୍ରେନ୍ ନିମନ୍ତେ ଦାବିକରି ଆସୁଥିଲେ ସୁଦ୍ଧା କେହି ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ବ୍ଲକ ସଦର ମହକୁମାଠାରୁ



ବର୍ଷା ହେଲେ ଘରେ ପଶୁଥିବା ବର୍ଷାଜଳ।

ମାତ୍ର ୫୦୦ ମିଟର ଦୂରରେ ରହିଛି ଏହି ଗ୍ରାମ। ନିକଟରେ ଧରିତ୍ରୀରେ କାଳିଆକାଦଠାରୁ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଦୟନୀୟ ହୋଇପଡ଼ିଥିବା ନେଇ ଖବର ପ୍ରକାଶ ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତରବରିଆ ଭାବେ ରାସ୍ତା ନିର୍ମାଣ କରିଥିଲା। ମାତ୍ର କାଳିଆକାଦ ଗ୍ରାମରେ ଡ୍ରେନ ନିର୍ମାଣକୁ ପ୍ରଶାସନ ଭୁଲିଯାଇଛି। ଗ୍ରାମରେ ସିମେଣ୍ଟ କଂକ୍ରିଟ ରାସ୍ତା ଥିବାବେଳେ ଡ୍ରେନ୍ ନ ଥିବାରୁ ବର୍ଷା ହେଲେ ଘର ଭିତରେ ପାଣି ପଶୁଛି। ଯୋଜନାବଦ୍ଧ ଭାବେ ରାସ୍ତା ନିର୍ମାଣ ହେଉ ନ ଥିବାରୁ ଏପରି ସମସ୍ୟା ଉପୁଜୁଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ପ୍ରଶାସନ ଗ୍ରାମରେ ଡ୍ରେନ୍ ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି।

# ଏନ୍‌ଏସି ରାସ୍ତାରେ ଭାରିଯାନ କଣ୍ଟା

କୋରୁକୋଣ୍ଡା, ୧୧।୯(ଡି.ଏନ.ଏ.)

ବାଲିମେଳା ଏନଏସିର ଯୁଜେଏମଇ ସ୍କୁଲ ଛକଠାରୁ ରଥ ଛକ ପର୍ଯ୍ୟନ୍ତ ରାସ୍ତା ପାଲଟିଛି ମରଣଯନ୍ତା। ପ୍ରତ୍ୟେହ କିଛି ନା କିଛି ଦୁର୍ଘଟଣା ଘଟି ଲୋକେ ଆହତ ହେଉଛନ୍ତି। ଶନିବାର କ୍ରସରରୁ ମେଟାଲ ନେଇ ଏକ ଟିପ୍ପର ଏହି ରାସ୍ତା ଦେଇ ଯାଉଥିବା ସମୟରେ ଅଧା ବାଟରେ ଗାଡି ଦବି ଏକ ବୃହତ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ବହୁ ସମୟ ଧରି ଉକ୍ତ ରାସ୍ତାରେ ଲୋକଙ୍କ ଯାତାୟାତ ବନ୍ଦ ରହିଥିଲା। କ୍ରସର ପାଇଁ ଏହି ରାସ୍ତାରେ ଭାରିଯାନ ଯାତାୟାତ କରି ୧୫ ଦିନରେ ରାସ୍ତା ଦବି ଖାଲଖମାରେ ପରିଣତ ହେଉଛି। ସବୁ ଜାଣି ପ୍ରଶାସନ ନୀରବ ରହିଛି।

ମାଲକାନଗିରି ଜିଲା ବାଲିମେଳା ଏନଏସିକୁ ଲାଗି ରହିଛି ଏମଭି-୫୧ ଗ୍ରାମର କ୍ରସର। ପ୍ରତ୍ୟେହ ଏହି କ୍ରସରରୁ ଭାରିଯାନଗୁଡିକ ବାଲିମେଳା-ଚିତାପାରି ବ୍ରିଜ ଦେଇ ଯୁଜେଏମଇ ସ୍କୁଲ ଛକରୁ ରଥ ଛକକୁ ବାହାରି ମୁଖ୍ୟରାସ୍ତା ଦେଇ ଯାତାୟାତ କରେ। ଚିତାପାରି ବ୍ରିଜ ନିର୍ମାଣ ହୋଇ ନ ଥିବା ବେଳେ କ୍ରସରର ଭାରିଯାନଗୁଡିକ ସୋରଲୁକୋଣ୍ଡା ବ୍ରିଜ ଦେଇ ଯାତାୟାତ କରୁଥିଲା। ଫଳରେ ବ୍ରିଜ୍‌ର ପିଲରରେ ଫାଟ ସୃଷ୍ଟି ହେବାରୁ ଇରିଗେସନ ବିଭାଗ ବ୍ରିଜ୍ ଉପରେ ଭାରିଯାନ ଚଳାଚଳ ନିଷେଧ କରି ଏକ ଫଳକ ମାରିଦେଲା। ଗତ କିଛି ମାସ ଧରି ଏହି କ୍ରସର ବନ୍ଦ ରହିବାରୁ ଉକ୍ତ ରାସ୍ତାରେ ଭାରିଯାନ ଯାତାୟାତ ବନ୍ଦ



ରାସ୍ତା ପାର୍ଶ୍ୱରେ ଦବି ଯାଇଥିବା ଟିପ୍ପର।

ରହିଥିଲା। ବର୍ତ୍ତମାନ କ୍ରସର ଚାଲୁ ହେବା ପରେ ବାଲିମେଳା-ଚିତାପାରି ବ୍ରିଜ ଦେଇ ଭାରିଯାନଗୁଡିକ ପ୍ରତ୍ୟେହ ଯାତାୟାତ କରୁଛି। ଫଳରେ ବାଲିମେଳା ଏନଏସିର

### ୧୫ ଦିନରେ ରାସ୍ତା ଦବି ହେଉଛି ଖାଲଖମା

ଯୁଜେଏମଇ ସ୍କୁଲ ଛକଠାରୁ ରଥ ଛକ ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟିଛି। ଶନିବାର କ୍ରସରରୁ ମେଟାଲ ନେଇ ଏକ ଟିପ୍ପର ଏହି ରାସ୍ତା ଦେଇ ଯାଉଥିବା ସମୟରେ ଅଧା ବାଟରେ ଟିପ୍ପର ଦବି ଏକ ବୃହତ ଗର୍ତ୍ତ ସୃଷ୍ଟି ହୋଇଛି। ଏନେଇ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ରଥଙ୍କୁ ପଚାରିବାରୁ ସେ କହିଲେ ଯେ, ତୁରନ୍ତ ଚିତାପାରି ବ୍ରିଜର ଉଭୟ ପାର୍ଶ୍ୱରେ ଭାରିଯାନ ନିଷେଧ ପାଇଁ ବ୍ୟାରିକେଟ ନିର୍ମାଣ କରାଯିବ। ଏହା ହେଲେ ବ୍ରିଜ୍ ଉପରେ ଭାରିଯାନଗୁଡିକର ଯାତାୟାତରେ ରୋକେ ଲାଗିବ।

# ଗ୍ରାମବାସୀ ତିଆରି କଲେ ରାସ୍ତା

ଏମ୍‌ଭି ୭୯,୧୧।୯(ଡି.ଏନ୍.ଏ.)

- ରାସ୍ତା ଉପରେ ନିର୍ଭର କରନ୍ତି ଆଖପାଖ ୫ ଗ୍ରାମର ଲୋକ
- ବର୍ଷା ହେଲେ ଛାତ୍ରୀଛାତ୍ର ଯାଇପାରନ୍ତିନି ସ୍କୁଲ, କଲେଜ
- ଖୁବ୍‌ଶୀଘ୍ର ଗ୍ରାମକୁ ରାସ୍ତା ନିର୍ମାଣ ହେବ: ବିଡିଓ

ନିଜ ଗାଁକୁ ନିଜେ ରାସ୍ତା ତିଆରି କରି ଅନ୍ୟ ପାଇଁ ଉଦାହରଣ ସାଜିଛନ୍ତି ଏମ୍‌ପିଭି-୪୪ ଗ୍ରାମବାସୀ। ଗ୍ରାମ ରାସ୍ତା ଖରାପ ହୋଇପଡ଼ିବାରୁ ଏହାର ନିର୍ମାଣ ଲାଗି ପ୍ରଶାସନକୁ ବାରମ୍ବାର ଜଣାଇ କିଛି ସୁଫଳ ନ ମିଳିବାରୁ ଶେଷରେ ଗ୍ରାମବାସୀ ଶୁକ୍ରବାର ତିଆରି କଲେ ଗାଁ ରାସ୍ତା। ଏପରି ଦେଖିବାକୁ ମିଳିଛି ମାଲକାନଗିରି ଜିଲା କାଲିମେଳା ବ୍ଲକ ଭୁବନପାଲି ପଞ୍ଚାୟତର ଏମ୍‌ପିଭି-୪୪ରେ। ଭୁବନପାଲି ପଞ୍ଚାୟତଠାରୁ ମାତ୍ର ୫୦୦ ମିଟର ଦୂରରେ ରହିଛି ଏମ୍‌ପିଭି-୪୪ ଗ୍ରାମ। ପ୍ରତ୍ୟହ



ଏମ୍‌ପିଭି-୪୪ ଗ୍ରାମବାସୀ ଗ୍ରାମକୁ ରାସ୍ତା ନିର୍ମାଣ କରୁଛନ୍ତି।

ଆଖପାଖ ୫ଟି ଗ୍ରାମର ଲୋକେ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ରାଶନ ସାମଗ୍ରୀ ସହ ଭତ୍ତା ଆଣିବାକୁ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇଥାନ୍ତି। ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର ଅବା କଲେଜ ଯିବାକୁ ହେଲେ ଛାତ୍ରୀଛାତ୍ରଙ୍କୁ ଜଙ୍ଗଲ ବାଟ ଦେଇ ଯିବାକୁ ପଡ଼େ। ବର୍ଷା ହେଲେ ଛାତ୍ରୀଛାତ୍ରଙ୍କ ପାଠପଢ଼ା ବନ୍ଦ ହୁଏ। ରାସ୍ତା ଖରାପ ହେତୁ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଗ୍ରାମକୁ ଭଲ ରାସ୍ତାଟିଏ ନିର୍ମାଣ ପାଇଁ ପ୍ରଶାସନକୁ ଜଣାଇଥିଲେ ମଧ୍ୟ ପ୍ରଶାସନ ନୀରବଦ୍ରଷ୍ଟା ସାଜିବାରୁ ଶେଷରେ ଗ୍ରାମବାସୀ ମିଳିତ ହୋଇ ରାସ୍ତା ନିର୍ମାଣ କରିଛନ୍ତି। ଏ ସମ୍ପର୍କରେ କାଲିମେଳା ବିଡିଓ ଉମାଶଙ୍କର ଦଳେଇଙ୍କୁ ପଚାରିବାରୁ ସେ କହିଲେ, ଖୁବ୍‌ଶୀଘ୍ର ଏହାର ତଦାରଖକରି ଗ୍ରାମକୁ ରାସ୍ତା ନିର୍ମାଣ କରାଯିବ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଲୋନ୍ ଧମାକା
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି । ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲ୍‌ଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ । ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ ।
ମୁଦ୍ରା ଫାଇନାନ୍ସ
9471160476 / 8282973756
Whatsapp : 9953557897

KUBER FINANCE
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ,
ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
9452281017

ବାବା ମୁବାରକ୍ ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ



A To Z Problem Solution
କଳାଯାଦୁର ଅଧିକାରୀ
9990655786
8800979262

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ,
ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mob. 9999268493
Whatsapp: 8902923601

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

